ପ୍ରଚାର ଡ଼ାଏରୀ

୧୭.୦୪.୨୦୧୪

ଅରୁଣ ଜେଟଲୀ

ବିରୋଧୀ ଦଳର ନେତା, ରାଜ୍ୟସଭା

**ସୁନ୍ଦର ମାତ୍ର ପ୍ରତିହିଂସା ପରାୟଣ ଭାବେ ନୁହେଁ**

ନରେନ୍ଦ୍ର ମୋଦି ଟେଲିଭିଜନର ଏକ ନିୟୁଜ ଚ୍ୟାନେଲ ଏଜେନ୍ସି, ଏ.ଏନ.ଆଇ ରେ ଏକ ମନ୍ତବ୍ୟ ଦେଇଥିଲେ ଯେ ଆଗାମୀ ସରକାର ସମସ୍ତ ସଠିକ କାର୍ଯ୍ୟ ପନ୍ଥା ଉପରେ କାର୍ଯ୍ୟ କରିବ ମାତ୍ର ପ୍ରତିଶୋଧ ମୂଳକ ହୋଇ ନୁହେଁ ।

ଆଜି ଦେଶ ପରିବର୍ତ୍ତନ ହେବାକୁ ଲାଗୁଛି । ଏଠାରେ ଆଶାବାଦୀ ଜନତାଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବା ସହିତ ସେମାନେ ନିଜ ଜୀବନ ଶୈଳୀକୁ ଉନ୍ନତ କରିବାକୁ ଚାହୁଛନ୍ତି । ସେମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଚାକିରି, ବାସଗୃହ, ପରିମଳ ଆଦି ପ୍ରତ୍ୟେକ ବ୍ୟବସ୍ଥାରେ ଉନ୍ନତି ଆଶା କରନ୍ତି । ସେମାନେ ରାଜନୀତିକୁ ତାଙ୍କୁ ଜୀବନକୁ ସହଜ ତଥା ସୁଗମ୍ୟ କରିବାକୁ ହିଁ ଚାହାନ୍ତି ।

ଏପରି କ୍ଷେତ୍ରରେ କୌଣସି ସରକାରକୁ ନିଜ କାର୍ଯ୍ୟକାଳରେ କରିଥିବା ଉଲ୍ଲେଖ ଯୋଗ୍ୟ କାର୍ଯ୍ୟ ପାଇଁ ହିଁ ଜନତା ମନେ ରଖିଥାଆନ୍ତି । କିନ୍ତୁ ରାଜନୈତିକ ଦଳ ଗୁଡ଼ିକର ନଜି ନିଜ ମଧ୍ୟରେ ହେଉଥିବା କନ୍ଦଳ ପାଇଁ କେହି ମନେ ରଖନ୍ତି ନାହିଁ । ତେଣୁ ଆକୁ ସବୁବେଳେ ନୀତି ନିୟମର ପରିସର ମଧ୍ୟରେ ରହିବା ଆବଶ୍ୟକ । ଯଦି କୌଣସି ବ୍ୟକ୍ତି ଦୋଷ କରନ୍ତି ତେବେ ତାଙ୍କ ତଦନ୍ତ ମଧ୍ୟ କୌଣସି ନିରପେକ୍ଷ ସଂସ୍ଥା ମାଧ୍ୟମରେ କରାଯିବା ଉଚିତ । ଉକ୍ତ ସଂସ୍ଥାଟି କିଛି ଦକ୍ଷ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ହେଲେ ମଧ୍ୟ ରାଜନୀତିଠାରୁ ବହୁତ ଉର୍ଦ୍ଧ୍ୱରେ ରହିବା ଆବଶ୍ୟକ । ଯଦି ଭବିଷ୍ୟତରେ ଆମ ସରକାର ଆସେ ଆମେ ଏହାକୁ ନିଶ୍ଚିତ ଭାବରେ କାର୍ଯ୍ୟକାରୀ କରିବୁ ।

**ଭୋଟରମାନେ ‘ ଉଲ୍ଲୁ ’ ନୁହନ୍ତି ।**

ଆଜି ୨୦୧୪ ଲୋକସଭା ନିର୍ବାଚନ ପାଇଁ ୧୨୧ଟି ଲୋକସଭା ଆସନରୁ ଭୋଟ ଗ୍ରହଣ ଆରମ୍ଭ ହୋଇଅଛି । ବର୍ତ୍ତମାନ ତୃତୀୟ ମୋର୍ଚ୍ଚାର କୌଣସି ସ୍ଥିତି ନଥିବା ବେଳେ କଂଗ୍ରେସ ମଧ୍ୟ ବହୁତ ପଛରେ ପଡ଼ିଯାଇଛି । ତେଣୁ ଦେଶରେ ଏନ.ଡ଼ି.ଏ ର ସରକାର ଗଠନ କରିବାର ସମ୍ଭାବନା ଖୁବ ଅଧିକ । ଉପା ସରକାରଙ୍କର ସୁଶାସନର ଅଭାବ ଯୋଗୁଁ ଆଜି ଦେଶର ଜନତା ନରେନ୍ଦ୍ର ମୋଦିଙ୍କ ସପକ୍ଷରେ ଠିଆ ହୋଇଛନ୍ତି । କାରଣ ଦେଶର ଜନତା ଚିନ୍ତା କରୁଛନ୍ତି କି କେଉଁ ଦଳ ତାଙ୍କୁ ଏକ ସ୍ଥିର ସରକାର ଦେବାକୁ ସମର୍ଥ ହେବ । ଏହାର ଉତ୍ତରରେ ଏନ.ଡ଼ି.ଏ ବା ବି.ଜେ.ପି ବୋଲି ଜନତା ଜାଣିସାରିଛନ୍ତି । ତେବେ ରାହୁଲ ଗାନ୍ଧିଙ୍କୁ ମଧ୍ୟ ଉକ୍ତ ସତ୍ୟତାକୁ ସ୍ୱୀକାର କରିବାକୁ ହେବ । ଜନତା ଯେତେବେଳେ କଂଗ୍ରେସକୁ ଭୋଟ ଦେବାକୁ ଚାହୁଁନାହାନ୍ତି ସେମାନେ ବୋକା ବା ‘ ଉଲ୍ଲୁ ’ ନୁହନ୍ତି । କୌଣସି ନେତା କେବେ ମଧ୍ୟ ହାରିଯିବା ଭୟରେ ନିଜର ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାରକୁ ନଷ୍ଟ କରିବା ଅନୁଚିତ । ତେଣୁ ଉକ୍ତ ଭୋଟରମାନଙ୍କୁ ରାହୁଲ ଗାନ୍ଧି ଯେପରି ବର୍ଣ୍ଣନା କରୁଛନ୍ତି ବାସ୍ତବରେ ତାହା ଠିକ ନୁହେଁ । କାରଣ କଂଗ୍ରେସକୁ ଭୋଟ ନଦେବା ପଛରେ ତାଙ୍କର କିଛି ଭଲ ଉଦ୍ଦେଶ୍ୟ ରହିଛି ।